# ଓଭାଲ୍‌ରେ ସୁନୀଲ ଗାଭାସ୍କରଙ୍କୁ ଟପିଲେ ଗିଲ୍




ନୂଆଦିଲ୍ଲୀ,୩୧/୦୭(ନ୍ୟୁ.ଏ):ଭାରତୀୟ ଅଧିନାୟକ ଶୁଭମନ ଗିଲ୍ ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜରେ ରନ୍ ବର୍ଷା କରିବା ସହ ଅନେକ ରେକର୍ଡ ଧ୍ୱସ୍ତ କରିଛନ୍ତି ।ଓଭାଲ୍ ଟେଷ୍ଟର ପ୍ରଥମ ଦିନରେ ଶୁଭମନ ଗିଲ୍ ପୁଣି ଏକ ରେକର୍ଡ ଭାଙ୍ଗିଛନ୍ତି । ଗିଲ୍ ଓଭାଲ ଟେଷ୍ଟର ପ୍ରଥମ ଇନିଂସରେ ଦୁଇ କିମ୍ବଦନ୍ତୀ ବ୍ୟାଟର୍ ଗ୍ୟାରି ସୋବର୍ସ ଓ ସୁନୀଲ ଗାଭାସ୍କରଙ୍କୁ ପଛରେ ପକାଇଛନ୍ତି । ଓଭାଲ୍ ପିଚ୍‌ରେ ଦୁଇ ରନ୍ କରିବା ସହ ଗ୍ୟାରି ସୋବର୍ସଙ୍କୁ ପଛରେ ପକାଇଥିଲେ ଓ ୧୧ ରନ୍ କରିବା ସହ ଏକ ବିରଳ ଉପଲବ୍ଧିରେ ଭାରତର ଏକ ନମ୍ବର ଅଧିନାୟକ ହୋଇଛନ୍ତି । ଶୁଭମନ୍ ଗିଲ୍ ଆଜି ୧୧ ରନ୍ କରିବା ସହ ଗୋଟିଏ ଟେଷ୍ଟ ସିରିଜରେ ଅଧିନାୟକ ଭାବେ ସବୁଠୁ ଅଧିକ ରନ୍ କରିଥିବା ଭାରତୀୟ ଖେଳାଳି ହୋଇଛନ୍ତି । ସୁନୀଲ ଗାଭାସ୍କର ୧୯୭୮-୭୯ରେ ୱେଷ୍ଟଇଣ୍ଡିଜ ବିପକ୍ଷରେ ୭୩୨ ରନ୍ କରିଥିଲେ । କେବଳ ଏତିକି ନୁହେଁ ଗିଲ୍ SENA (ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଅଷ୍ଟ୍ରେଲିଆ) ଦେଶରେ ଗୋଟିଏ ସିରିଜରେ ସର୍ବାଧିକ ରନ୍ କରିଥିବା କ୍ୟାପ୍ଟେନର ଗୌରବ ଅର୍ଜନ କରିଛନ୍ତି । ଶୁଭମନ୍ ଗିଲଙ୍କ ନଜର ଏବେ ଦୁଇଟି ରେକର୍ଡ ଉପରେ ଅଛି । ସୁନୀଲ ଗାଭାସ୍କର ଗୋଟିଏ ସିରିଜରେ ୭୭୪ ରନ୍ କରିଥିଲେ, ଏବେ ଶୁଭମନ୍ ଗିଲ୍ ଏହାଠାରୁ ବହୁ ପଛରେ ନାହାନ୍ତି । ଗିଲ୍ ଯଦି ୮୧୧ ରନ୍ କରନ୍ତି, ତେବେ ସେ ଡନ୍ ବ୍ରାଡମ୍ୟାନଙ୍କ ରେକର୍ଡ ଭାଙ୍ଗିଦେବେ । ଗୋଟିଏ ସିରିଜରେ ଇଂଲଣ୍ଡରେ ସବୁଠୁ ଅଧିକ ରନ୍ କରିବାର ରେକର୍ଡ ବ୍ରାଡ୍‌ମ୍ୟାନଙ୍କ ନାଁରେ ରହିଛି । ଏହି ରେକର୍ଡ ଗତ ୯୦ ବର୍ଷ ଧରି ଅତୁଟ ରହିଛି । ଓଭାଲରେ ଖେଳା ଯାଉଥିବା ଟେଷ୍ଟ ମ୍ୟାଚରେ ପୁଣି ଥରେ ଟସ୍ ହାରିଲା ଭାରତ । ଭାରତ ବନାମ ଇଂଲଣ୍ଡ ଟେଷ୍ଟ ସିରିଜ୍‌ରେ ଲଗାତାର ପଂଚମ ଥର ଟସ୍ ହାରିଛନ୍ତି ଅଧିନାୟକ ଶୁଭମନ ଗିଲ୍ । ଏହା ସହ କ୍ରମାଗତ ଟସ୍ ହାରିବାର ଅଲୋଡ଼ା ରେକର୍ଡକୁ ଆହୁରି ମଜବୁତ କରିଛି ଟିମ୍ ଇଣ୍ଡିଆ । ଦଳ ଏ ପର୍ଯ୍ୟନ୍ତ ଅନ୍ତର୍ଜାତୀୟ କ୍ରିକେଟ୍‌ରେ ଲଗାତାର ୧୫ ଥର ଟସ୍ ହାରି ସାରିଛି । ଏହା ପୂର୍ବରୁ ଏହି ରେକର୍ଡ ୱେଷ୍ଟଇଣ୍ଡିଜ ନାଁରେ ଥିଲା । ଇଣ୍ଡିଜ ୧୯୯୯ରେ ଲଗାତାର ୧୨ ଥର ଟସ୍ ହାରିଥିଲା । ଲର୍ଡ୍‌ର ଐତିହାସିକ ମଇଦାନରେ ଟସ୍ ହାରି ଭାରତ ଇଣ୍ଡିଜର ଟସ୍ ହାରିବାର ବିଶ୍ୱ ରେକର୍ଡ ଭାଙ୍ଗିଥିଲା । ଭାରତୀୟ ଦଳ ଇଣ୍ଟର ନ୍ୟାସନାଲ କ୍ରିକେଟରେ ଶେଷ ଥର ଟସ୍ ଚଳିତ ବର୍ଷ ଇଂଲଣ୍ଡ ବିପକ୍ଷରେ ଟି-୨୦ ସିରିଜ୍ ୭ରେ ଜିତିଥିଲା । ଏହି ମ୍ୟାଚ୍ ରାଜକୋଟ୍‌ରେ ଖେଳା ଯାଇଥିଲା । ଏହା ପରେ ଦଳ ଇଂଲଣ୍ଡ ବିପକ୍ଷରେ ୨ଟି ଟି-୨୦, ୩ଟି ଦିନିକିଆ ସମେତ ଆଇସିସି ଚାମ୍ପିଅନ୍ସ ଟ୍ରଫିରେ ଖେଳିଥିବା ସମସ୍ତ ମ୍ୟାଚ୍‌ରେ ଟସ୍ ହାରିଥିଲା । ତଥାପି ଦଳ ଫାଇନାଲ୍‌ରେ ନ୍ୟୁଜିଲାଣ୍ଡକୁ ହରାଇ ଟ୍ରଫି ଜିତିଥିଲା । ଏହା ବାଦ ପାଂଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ କୌଣସି ଦଳ ଦ୍ୱାରା ସବୁ ଟସ୍ ହାରିବାରେ ଏହା ହେଉଛି ୧୪ତମ ଉଦାହରଣ । ଏହା ପୂର୍ବରୁ ଭାରତୀୟ ଦଳ ୨୦୧୮ରେ ଇଂଲଣ୍ଡ ଗସ୍ତରେ ସବୁ ଟସ୍ ହାରିଥିଲା । ସୂଚନାଯୋଗ୍ୟ, ପାଂଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଇଂଲଣ୍ଡ ୨-୧ରେ ଆଗୁଆ ରହିଛି । ଇଂଲଣ୍ଡ ପ୍ରଥମ ଟେଷ୍ଟ ଜିତି ଆଗୁଆ ରହିଥିବା ବେଳେ ଭାରତ ଦ୍ୱିତୀୟ ମ୍ୟାଚ୍ ଜିତି ସିରିଜ୍ ବରାବର କରିଥିଲା । ଏହା ପରେ ତୃତୀୟ ଟେଷ୍ଟ ଇଂଲଣ୍ଡ ନାମରେ ହୋଇଥିଲା ଏବଂ ଚତୁର୍ଥ ଟେଷ୍ଟ ଡ୍ର ରହିଥିଲା । ଶେଷ ଟେଷ୍ଟରେ ଭାରତ ୪ଟି ପରିବର୍ତ୍ତନ ସହ ମଇଦାନକୁ ଓହ୍ଲାଇଛି । ସ୍ୱାଭାବିକ ଭାବେ ଆହତ ଋଷଭ ପନ୍ତଙ୍କ ସ୍ଥାନରେ ଧ୍ରୁବ ଜୁରେଲଙ୍କୁ ସ୍ଥାନ ମିଳିଛି । ଯଶପ୍ରୀତ ବୁମରାଙ୍କୁ ବିଶ୍ରାମ ଦିଆଯାଇଥିବା ବେଳେ ଶାର୍ଦ୍ଦୁଳ ଠାକୁର ଓ ଅଂଶୁଲ କମ୍ବୋଜଙ୍କୁ ବାଦ୍ ଦିଆଯାଇଛି । ଏହ ଖେଳାଳିଙ୍କ ବଦଳରେ ଆକାଶଦୀପ, କରୁଣ ନାୟର ଓ ପ୍ରସିଦ୍ଧ କୃଷ୍ଣାଙ୍କୁ ସୁଯୋଗ ମିଳିଛି ।

# ଶେଷ ମ୍ୟାଚ୍‌ରେ ବାଦ୍ ପଡ଼ିବା ପରେ ରାଗିଗଲେ କ୍ୟାପଟେନ୍




ନୂଆଦିଲ୍ଲୀ,୩୧/୦୭(ନ୍ୟୁ.ଏ):ଭାରତ ବିପକ୍ଷ ପାଂଚଟିକିଆ ଟେଷ୍ଟ ସିରିଜର ଆଜିଠୁ ଖେଳାଯିବ ଶେଷ ଟେଷ୍ଟ । ତେବେ ସର୍ବାଧିକ ୱିକେଟ ନେଇଥିବା ଅଧିନାୟକ ବେନ୍ ଷ୍ଟୋକ ଓଭାଲ୍ ଟେଷ୍ଟ ମ୍ୟାଚରୁ ବାଦ ପଡ଼ିଛନ୍ତି । ଆଘାତ ଯୋଗୁଁ ସେ ଶେଷ ଟେଷ୍ଟ ମ୍ୟାଚ ଖେଳିବେ ନାହିଁ । ତାଙ୍କ ସ୍ଥାନରେ ଓଲି ପୋପ୍‌ଙ୍କୁ ଇଂଲଣ୍ଡର ଅଧିନାୟକ କରାଯାଇଛି । ଶେଷ ଟେଷ୍ଟ ମ୍ୟାଚରୁ ବାଦ ପଡ଼ିବା ପରେ ବେନ୍ ଷ୍ଟୋକ୍ସ ବହୁତ କ୍ରୋଧିତ ଦେଖାଯାଉଥିଲେ । ସେ ନିଜ ଲୋକଙ୍କ ଉପରେ ଏକ ବଡ଼ ଅଭିଯୋଗ ଆଣିଥିଲେ । ଏହି ସମୟରେ ସେ ଆଘାତର କାରଣ ମଧ୍ୟ କହିଥିଲେ । ଏହି ଟେଷ୍ଟ ସିରିଜରେ, ଆୟୋଜକ ଦଳ ୨-୧ରେ ଆଗୁଆ ଅଛି । ଏହି ସିରିଜ ଜିତିବା ପାଇଁ ଏହାକୁ କେବଳ ଡ୍ର ଆବଶ୍ୟକ । ଏହି ସମୟରେ, ଅଧିନାୟକ ବେନ୍ ଷ୍ଟୋକ୍ସ ଏହି ପାଂଚଟିକିଆ ଟେଷ୍ଟ ସିରିଜର କାର୍ଯ୍ୟସୂଚୀ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଓଭାଲ୍ ଟେଷ୍ଟ ମ୍ୟାଚରୁ ବାଦ ପଡ଼ିବା ପରେ, ବେନ୍ ଷ୍ଟୋକ୍ସ ଏହି ପାଂଚଟିକିଆ ଟେଷ୍ଟ ସିରିଜର କାର୍ଯ୍ୟସୂଚୀ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି । ସେ କହିଛନ୍ତି ଯେ ଟେଷ୍ଟ ମ୍ୟାଚ ମଧ୍ୟରେ ବ୍ୟବଧାନକୁ ଆହୁରି ଅଧିକ କରାଯାଇପାରିଥାନ୍ତା । କିଛି ମ୍ୟାଚ୍‌ରେ ୮ ରୁ ୯ ଦିନର ବ୍ୟବଧାନ ଥିଲା । ତା'ପରେ ଶେଷ ମ୍ୟାଚ୍‌ଗୁଡ଼ିକରେ ଆମେ କେବଳ ୩ ରୁ ୪ ଦିନର ବିରତି ପାଇଥିଲୁ । ଯେତେବେଳେ ସମସ୍ତ ମ୍ୟାଚ୍‌ରେ ୪ ରୁ ୫ ଦିନର ବ୍ୟବଧାନ ରଖାଯାଇପାରିଥାନ୍ତା । ଯାହା ଦ୍ୱାରା ନିରନ୍ତରତା ବଜାୟ ରହିଥାନ୍ତା । ଏହା ଉଭୟ ଦଳକୁ ଆଶ୍ୱସ୍ତି ଦେଇଥାନ୍ତା । କହିବାକୁ ଗଲେ ଲିଡ୍ସରେ ପ୍ରଥମ ଟେଷ୍ଟ ମ୍ୟାଚ୍ ପରେ, ଦ୍ୱିତୀୟ ଟେଷ୍ଟ ମ୍ୟାଚ୍ ଆରମ୍ଭ ହେବା ପାଇଁ ସାତ ଦିନର ବ୍ୟବଧାନ ଥିଲା । ତା'ପରେ ତୃତୀୟ ଟେଷ୍ଟ ମ୍ୟାଚ୍ ପୂର୍ବରୁ କେବଳ ତିନି ଦିନର ବ୍ୟବଧାନ ଥିଲା । ଏହା ପରେ, ଚତୁର୍ଥ ଟେଷ୍ଟ ମ୍ୟାଚ୍ ପୂର୍ବରୁ ଖେଳାଳିମାନଙ୍କୁ ଆଠ ଦିନର ବିଶ୍ରାମ ମିଳିଥିଲା । କିନ୍ତୁ ପୁଣି ଥରେ ଖେଳାଳିମାନଙ୍କୁ ପଂଚମ ଟେଷ୍ଟ ମ୍ୟାଚ୍ ପାଇଁ କେବଳ ତିନି ଦିନର ବ୍ୟବଧାନ ମିଳିଥିଲା । ଯାହା ଫଳରେ ସେମାନଙ୍କର ଆଘାତ ସମସ୍ୟା ବୃଦ୍ଧି ପାଇଥିଲା । ଲର୍ଡସ୍ ଏବଂ ମାଂଚେଷ୍ଟରରେ ଲମ୍ବା ସ୍ପେଲ ବୋଲିଂ କରିବା ପରେ ଷ୍ଟୋକଙ୍କ ଡାହାଣ କାନ୍ଧ ଖରାପ ଭାବରେ ପ୍ରଭାବିତ ହୋଇଥିଲା, ଯାହା ଯୋଗୁଁ ସେ ମାଂସପେଶୀରେ ଆଘାତ ପାଇଥିଲେ । ଯାହା ଯୋଗୁଁ ସେ ଶେଷ ଟେଷ୍ଟ ମ୍ୟାଚ୍ ଖେଳି ନାହାଁନ୍ତି । ଷ୍ଟୋକ୍ସ ଓଭାଲରେ ନ ଖେଳି ନିରାଶ ବେନ୍ ଷ୍ଟୋକ୍ସ କହିଛନ୍ତି ଯେ ମୁଁ ଶୀଘ୍ର କମ୍‌ବ୍ୟାକ୍ କରିବି । ଶେଷ ଟେଷ୍ଟ ମ୍ୟାଚ୍ ଖେଳି ନଥିବାରୁ ମୁଁ ବହୁତ ନିରାଶ । ଇଂଲଣ୍ଡ ଅଧିନାୟକ ଆଶା କରୁଛନ୍ତି ଯେ ସେ ଅଷ୍ଟ୍ରେଲିଆରେ ହେବାକୁ ଥିବା ଆଶେସ୍ ପୂର୍ବରୁ ସମ୍ପୂର୍ଣ୍ଣ ଫିଟ୍ ହୋଇଯିବେ । ଷ୍ଟୋକ୍ସ କହିଛନ୍ତି ଯେ ମୁଁ ଏହି ଟେଷ୍ଟ ମ୍ୟାଚ୍‌ରେ ବ୍ୟାଟ୍ସମ୍ୟାନ୍ ଭାବରେ ଖେଳିବାକୁ ଚାହୁଁଥିଲି । କିନ୍ତୁ ଟିମ୍ ମ୍ୟାନେଜମେଣ୍ଟ କୌଣସି ବିପଦ ନେବାକୁ ଚାହୁଁନାହିଁ । ଷ୍ଟୋକ୍ସ ଭାରତ ବିପକ୍ଷରେ ଚାରୋଟି ଟେଷ୍ଟ ମ୍ୟାଚ୍ ରେ ମୋଟ ୧୪୦ ଓଭର ବୋଲିଂ କରିଥିଲେ । ଯେଉଁଥିରେ ସେ ୧୭ଟି ୱିକେଟ୍ ନେଇଥିଲେ । ଏହି ସମୟରେ ସେ ୫୮୧ ବଲ୍ ର ସମ୍ମୁଖୀନ ହୋଇଥିଲେ । ଯେଉଁଥିରେ ସେ ଶତକ ସହିତ ୩୦୪ ରନ୍ କରିଥିଲେ । ବେନ୍ ଷ୍ଟୋକ୍ସଙ୍କ ବ୍ୟତୀତ ଜୋଫ୍ରା ଆର୍ଚର ମଧ୍ୟ ଓଭାଲ୍ ଟେଷ୍ଟ ମ୍ୟାଚ୍ ରେ ଖେଳୁନାହାଁନ୍ତି । ଯେତେବେଳେ ଜସପ୍ରିତ ବୁମରାହ ମଧ୍ୟ ଟିମ୍ ଇଣ୍ଡିଆ ପକ୍ଷରୁ ଏହି ଟେଷ୍ଟ ମ୍ୟାଚ୍ ରେ ଖେଳିବେ ନାହିଁ । ଏବେ ଇଂଲଣ୍ଡ ସିରିଜରେ ୨-୧ରେ ଆଗୁଆ ରହିଛି । ତେଣୁ ଭାରତ ୫ମ ଟେଷ୍ଟକୁ ଜିତି ସିରିଜ ବରାବର କରିବା ଲକ୍ଷ୍ୟରେ ରହିଛି । ଇଂଲଣ୍ଡ ଏକାଦଶ: ଜ୍ୟାକ କ୍ରଉଲା, ବେନ ଡକେଟ, ଓଲି ପୋପ(ଅଧିନାୟକ), ଜୋ ରୁଟ, ହ୍ୟାରୀ ବ୍ରୁକ, ଜ୍ୟାକବ ବେଥେଲ, ଜାମି ସ୍ମିଥ, କ୍ରିସ ୱକ୍ସ, ଗସ ଅଟକିନସନ, ଜାମି ଓଭରଟନ ଓ ଜୋଶ ଟଙ୍ଗ ।

# ଋଷ କମ୍ପନ ପରେ ୧୨ ରାଷ୍ଟ୍ର ପାଇଁ ବଢ଼ିଲା ସଂକଟ

ନୂଆଦିଲ୍ଲୀ,୩୧/୦୭(ନ୍ୟୁ.ଏ):ଋଷରେ ଶକ୍ତିଶାଳୀ ଭୂମିକମ୍ପ ପରେ ବିପଦରେ ୧୨ ରାଷ୍ଟ୍ର । ବିଶେଷ କରି ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ରର ୧୨ଟି ରାଷ୍ଟ୍ର ପାଇଁ ବଢ଼ିଛି ଟେନ୍‌ସନ୍ । ଆରମ୍ଭ ହୋଇଥିବା ସୁନାମୀ ବିପର୍ଯ୍ୟୟ ଥମିବ ନାହିଁ । ମାସେ ପର୍ଯ୍ୟନ୍ତ ପରବର୍ତ୍ତୀ କମ୍ପନ ଜାରି ରହିବ ବୋଲି ଚେତାବନୀ ଦେଇଛି ଆମେରିକା । ଆଉ ଆମେରିକାର ଚେତାବନୀ ପରେ ଲୋକେ ଭୟଭୀତ ହୋଇଛି । ଜାପାନ ପାଇଁ ସବୁଠାରୁ ବଡ଼ ବିପଦ ଆଶଙ୍କା ଥିବାରୁ ସବୁ ଅଂଚଳରେ ସର୍ବାଧିକ ସତର୍କତା ଅବଲମ୍ବନ କରାଯାଇଛି । ୨୦୧୧ ଫୁକୁସିମା ବିପର୍ଯ୍ୟୟର ଭୟଙ୍କର ସ୍ମୃତି ଜାପାନବାସୀଙ୍କ ମନକୁ ପୁଣି ଫେରି ଆସିଛି । ଏହି ଭୟଙ୍କର ବିପର୍ଯ୍ୟୟରେ ୧୫ ହଜାରରୁ ଅଧିକ ଲୋକ ପ୍ରାଣ ହରାଇଥିଲେ । ତେବେ ଭୂକମ୍ପ ପରେ ବୁଧବାର ଫୁକୁସିମାରେ ଥିବା ପରମାଣୁ କାରଖାନା କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି । ଶ୍ରମିକମାନଙ୍କୁ ବି ତୁରନ୍ତ ସ୍ଥାନାନ୍ତର କରାଯାଇଛି । ଟୋକିଓ ଇଲେକ୍ଟ୍ରିକ୍ ପାୱାର କମ୍ପାନି ଏକ ବିବୃତିରେ କହିଛି ଯେ ପ୍ଲାଣ୍ଟରେ କୌଣସି ନିରାପତ୍ତା ବିପଦ ନାହିଁ । କିନ୍ତୁ ସତର୍କତାମୂଳକ ସ୍ଥାନାନ୍ତର ବାଧ୍ୟତାମୂଳକ କରାଯାଇଛି । ୨୦୧୧ ମାର୍ଚ୍ଚ ୧୧ରେ ଜାପାନରେ ୯.୦ ତୀବ୍ରତାର ଏକ ଶକ୍ତିଶାଳୀ ଭୂମିକମ୍ପ ହୋଇଥିଲା । ଯେଉଁଥିରେ



୪୦ ମିଟର ପର୍ଯ୍ୟନ୍ତ ସୁନାମି ଆସିଥିଲା ଏବଂ ଦେଶର ଉତ୍ତର-ପୂର୍ବ ଉପକୂଳ ନଷ୍ଟ ହୋଇଯାଇଥିଲା । ଏହି ବିପର୍ଯ୍ୟୟରେ ସମୁଦାୟ ୧୫,୮୯୯ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଆଜି ସୁଦ୍ଧା ୨,୫୨୯ ଜଣ ନିଖୋଜ ଅଛନ୍ତି । ଲକ୍ଷ ଲକ୍ଷ ଲୋକ ଏଥିରେ ବାସହୀନ ହୋଇଥିଲେ । ଋଷର କାମଚାଟ୍‌କାରେ ଆସିଥିବା ଭୂମିକମ୍ପ ପାସିଫିକ୍ ପ୍ଲେଟ୍ ଓ ୟୁରେସିଆନ ପ୍ଲେଟ୍ ମଧ୍ୟରେ ଥିବା ଜୋନ୍‌ରେ ଘଟିଥିଲା । ଯାହା ଭୂମିକମ୍ପ ପାଇଁ ଏକ ବିପଦପୂର୍ଣ୍ଣ ଅଂଚଳ । ଏହା ପ୍ରଶାନ୍ତ ମହାସାଗରରେ ଅବସ୍ଥିତ ୧୨ଟି ଦେଶରେ ସୁନାମି ବିପଦ ସୃଷ୍ଟି କରିଥିବା ବେଳେ ଜାପାନ ହିଁ ସର୍ବାଧିକ ପ୍ରଭାବିତ ହେବା ଆଶଙ୍କା ରହିଛି । ଆମେରିକାର ହାୱାଇରେ ୫.୭ ଫୁଟ ଉଚ୍ଚ ସୁନାମୀ ଲହର ଆସିଥିବା ବେଳେ କାଲିଫର୍ଣ୍ଣିଆ, ଓରେଗନ୍ ଓ ଆଲାସ୍କାରେ ବ୍ୟାପକ ସତର୍କତା ପଦକ୍ଷେପ ଗ୍ରହଣ କରାଯାଇଛି । ସୁନାମୀ ଲହର ନିମ୍ନଭୂମି ଓ ବନ୍ଦରଗୁଡ଼ିକର ବିପଦ ବଢ଼ାଇ ଦେଇଛି । ଋଷର ପୂର୍ବତଟରେ ଅବସ୍ଥିତ ବନ୍ଦର ସହରଗୁଡ଼ିକରେ ଆଜି ବ୍ୟାପକ କ୍ଷୟକ୍ଷତି ଦେଖିବାକୁ ମିଳିଛି । ଅନ୍ୟ ପ୍ରଭାବିତ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ରହିଛି ଚିଲି, କଲମ୍ବିଆ, ଇକ୍ୱେଡୋର, ପାନାମା, ମେକ୍ସିକୋ, ଫିଲିପାଇନ୍ସ, ଇଣ୍ଡୋନେସିଆ, ଫ୍ରେଂଚ୍ ପଲିନେସିଆ ଓ ନ୍ୟୁଜିଲାଣ୍ଡ । ଏହି ଦେଶଗୁଡ଼ିକ ପ୍ରଶାନ୍ତ ମହାସାଗର ଉପକୂଳରେ ରହିବା ସହ ଭୂମିକମ୍ପର ଶକ୍ତି ପଥ ସହ ନିକଟତା ଏବଂ ଭୂତାତ୍ତ୍ୱିକ ଅବସ୍ଥା ହେତୁ ବିପଦରେ ଅଛନ୍ତି ।

# ୩ ଦିନ ପାଇଁ କେଦାରନାଥ ଯାତ୍ରା ବନ୍ଦ

ନୂଆଦିଲ୍ଲୀ,୩୧/୦୭(ନ୍ୟୁ.ଏ):ସୋନପ୍ରୟାଗ-ଗୌରୀକୁଣ୍ଡ ରାସ୍ତାରେ ଏକ ବଡ଼ ଭୂସ୍ଖଳନ ହୋଇଛି । ଯେଉଁଥିପାଇଁ କେଦାରନାଥ ଯାତ୍ରାକୁ ସ୍ଥଗିତ ରଖାଯାଇଛି । ମୁନକଟିଆଠାରୁ ପ୍ରାୟ ଦେଢ଼ କିଲୋମିଟର ଆଗକୁ ପାହାଡର ଏକ ବଡ଼ ଅଂଶ ଧସିଯିବାରୁ ରୁଦ୍ରପ୍ରୟାଗ-ଗୌରୀକୁଣ୍ଡ ଜାତୀୟ ରାଜପଥ ବନ୍ଦ ହୋଇଯାଇଛି । ଉଭୟ ପାର୍ଶ୍ୱରୁ ଯାତାୟାତ ବନ୍ଦ ହୋଇଯାଇଛି । ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା ଯୋଗୁ କେଦାରନାଥକୁ ସଂଯୋଗ କରୁଥିବା ରାସ୍ତାରେ ଭୂସ୍ଖଳନ । କିଛି ଦିନ ହେଲା ବର୍ଷା ଲାଗି ରହିଥିବାରୁ ବିଭିନ୍ନ ସ୍ଥାନରେ ଭୂସ୍ଖଳନ ଦେଖିବାକୁ ମିଳିଛି । ଏହି ରାସ୍ତାରେ ବଡବଡ ପଥର ପଡିବା ସହ ଗୋଡି ବାଲି ଚରିଯାଇଥିବାରୁ ରାସ୍ତାରେ ଯାଇପାରୁନି ଗାଡିମୋଟର । ରାତି ହୋଇଥିବାରୁ ଜେସିବି ମେସିନରେ ପଥର, ବାଲି କାଢିବା ସମ୍ଭବ ହୋଇନାହିଁ । ପ୍ରାୟ ୫୦ରୁ ୭୦ ମିଟର ରାସ୍ତା ଧୋଇଯାଇଛି । ଫଳରେ ଉଭୟ ପଟରେ ଗାଡି ଅଟକି ରହିଛି । ବର୍ଷା ଲାଗି ରହିଥିବାରୁ ରାସ୍ତାସଫା କାମରେ ବାଧା ସୃଷ୍ଟି ହୋଇଛି ।

# ନୀତିଶ ସରକାରକୁ ଘେରିବାକୁ ତୟାର କଂଗ୍ରେସ ଓ ଆରଜେଡି

ବିହାର,୩୧/୦୭(ନ୍ୟୁ.ଏ):ବିହାରରେ ଦେଖିବାକୁ ମିଳିପାରେ ନୂଆ ରାଜନୈତିକ ସମୀକରଣ । ଦୁଇ ଦଶନ୍ଧି ଧରି କ୍ଷମତା ବାହାରେ ଥିବା ଦଳ ଫେରିବାକୁ ପ୍ରୟାସ କରିବେ । ବିଶେଷ କରି କଂଗ୍ରେସ ଓ ଆରଜେଡି ଟକ୍କର ଦେବାକୁ ତୟାର ହେଉଛନ୍ତି । ମୈଦାନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ଆରଜେଡି ନେତା ତେଜସ୍ୱୀ ଯାଦବ । ରକ୍ଷାବନ୍ଧନ ପରେ ବିହାରରେ ଦେଖିବାକୁ ମିଳିବ ଅଗଷ୍ଟ କ୍ରାନ୍ତି ମାହୋଲ । ମହାମେଣ୍ଟ ତରଫରୁ ନୀତିଶ ସରକାରକୁ ଘେରିବାକୁ ତୟାର ହେଉଛନ୍ତି ନେତାଏ । ନିର୍ବାଚନ ତାରିଖ ଘୋଷଣା ପୂର୍ବରୁ ମହାମେଣ୍ଟ ତରଫରୁ ପ୍ରତିଟି ମଣ୍ଡଳରେ ପଦଯାତ୍ରା କରି ନୀତିଶ ସରକାରଙ୍କ ଦୁର୍ନୀତିକୁ ଲୋକଲୋଚନକୁ ଆଣିବାକୁ ଚାଲିଛି ପ୍ରସ୍ତୁତି । ସୂଚନା ଥାଉକି, ବିହାରରେ ଅକ୍ଟୋବର କିମ୍ବା ନଭେମ୍ବର ମାସରେ ଅନୁଷ୍ଠିତ ହେବ ବିଧାନସଭା ନିର୍ବାଚନ । ଏହି କ୍ରମରେ ମହାମେଣ୍ଟ ତରଫରୁ ଏନଡିଏ ସରକାରକୁ ଚ୍ୟାଲେଞ୍ଜ ଦେବାକୁ ଅଣ୍ଟା ଭିଡିଛନ୍ତି । ତେଜସ୍ୱୀ ଯାଦବଙ୍କ ପାଟନା ସ୍ଥିତ ଘରେ ଏନେଇ ମହାମେଣ୍ଟ ତରଫରୁ ଏକ ବୈଠକ ହୋଇଛି । ବୈଠକରେ ତେଜସ୍ୱୀ ଓ ରାହୁଲଙ୍କ ସହ ମହାମେଣ୍ଟର ନେତାମାନେ ପୂରା ବିହାର ପଦଯାତ୍ରା କରିବା ନେଇ ନିଷ୍ପତ୍ତି ହୋଇଛି । ଏହା ପୂର୍ବରୁ ମଧ୍ୟ ଚଳିତ ମାସ ବିହାରରେ ଚାଲିଥିବା ଭୋଟର ତାଲିକା ପୁନଃ ନିରୀକ୍ଷଣ ବିରୋଧରେ ରାସ୍ତାକୁ ଓହ୍ଲାଇଥିଲେ । ତେଜସ୍ୱୀ ଯାଦବ କହିଛନ୍ତି କି, ନିର୍ବାଚନ ଆୟୋଗ ଯେଉଁଭଳି ଭାବେ ବିଜେପି ସହ ମିଶି ବିହାର ଜନତାଙ୍କ ଠାରୁ ଭୋଟ ଅଧିକାର ଛଡ଼ାଇନେବାକୁ ବସିଛନ୍ତି ଏହା ବିରୋଧରେ ଆମେ ଲୋକଙ୍କ ପାଖରେ ପହଂଚିବୁ । ଲୋକଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ଓ ଜଳଯୋଗାଣକୁ ନୀତିଶ ସରକାର କିଭଳି ଧ୍ୱଂସ କରିଛନ୍ତି ତା ଉପରେ ଲୋକଙ୍କୁ ସ୍ପଷ୍ଟ ସୂଚନା ଦିଆଯିବ । ୨୦୨୦ ବିଧାନସଭା ନିର୍ବାଚନ ବେଳେ ତେଜସ୍ୱୀ ଯାଦବ ଏନଡିଏ ମେଣ୍ଟକୁ ପାଣି ପିଆଇ ଦେଇଥିଲେ । କଂଗ୍ରେସର ଖରାପ ପ୍ରଦର୍ଶନ କାରଣରୁ ସରକାର ଗଠନ କରିବାରେ ମହାମେଣ୍ଟ ବିଫଳ ହୋଇଥିଲା । ହେଲେ ଏଥର କିନ୍ତୁ ବିରୋଧୀଙ୍କୁ ଟେକ୍ ଦେବାକୁ ନିଜେ ଅଣ୍ଟା ଭିଡିଛନ୍ତି କଂଗ୍ରେସ ଯୁବରାଜ ରାହୁଲ ଗାନ୍ଧୀ । ଏହାକୁ ଦୃଷ୍ଟିରେ ରଖି ରକ୍ଷାବନ୍ଧନ ପରେ ବିହାରରେ ମହାମେଣ୍ଟ ତରଫରୁ ଯେଉଁ ପଦଯାତ୍ରା ହେବ ତାହାକୁ ଅଗଷ୍ଟ କ୍ରାନ୍ତି ନାମରେ ନାମିତ କରାଯାଇଛି ।

# ୟୁକ୍ରେନ୍ ଉପରେ ମିଶାଇଲ ଏବଂ ଡ୍ରୋନ୍ ମାଡ଼ କଲା ଋଷ୍

ନୂଆଦିଲ୍ଲୀ,୩୧/୦୭(ନ୍ୟୁ.ଏ):କାମ ଦେଲାନି ଟ୍ରମ୍ପଙ୍କ ଚେତାବନୀ । ଅଲିମେଟମକୁ ଗୋଡରେ ଆଡେଇ ଦେଲା ପୁଟିନ ସେନା । ୟୁକ୍ରେନର ରାଜଧାନୀ କିଭ୍‌ରେ ମିଶାଇଲ ଏବଂ ଡ୍ରୋନ୍ ହମଲା କରିଛି ଋଷ । ଏହି ଆକ୍ରମଣରେ ଅତି କମରେ ୬ ଜଣଙ୍କର ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ଛଅ ବର୍ଷର ଶିଶୁ ମଧ୍ୟ ରହିଛି । ଏହା ବ୍ୟତୀତ ୫୨ରୁ ଅଧିକ ଲୋକ ଆହତ ହୋଇଛନ୍ତି । ଆହତଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଅଧିକାରୀ ମାନେ କହିଛନ୍ତି । କିଭର ସାମରିକ ପ୍ରଶାସନର ମୁଖ୍ୟ ତୈମୁର ତକାଚେଙ୍କୋ କହିଛନ୍ତି ଯେ ମିଶାଇଲ ଆକ୍ରମଣ ଯୋଗୁଁ ଏକ ନଅ ମହଲା ବିଶିଷ୍ଟ ଆବାସିକ କୋଠାର ଏକ ବଡ଼ ଅଂଶ ଭୁଶୁଡ଼ି ପଡ଼ିଛି । ଅନେକ ଲୋକ ଭଗ୍ନାବଶେଷ ତଳେ ଚାପି ହୋଇ ରହିଛନ୍ତି । ଘଟଣାରେ ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଦୁଃଖ ପ୍ରକାଶ କରିଛନ୍ତି । କହିଛନ୍ତି- 'ଋଷ କ୍ଷେପଣାସ୍ତ୍ର ଏବଂ ଡ୍ରୋନ ସାହାଯ୍ୟରେ ଆକ୍ରମଣ କରିଛି ।

# 'ମୃତ ଅର୍ଥନୀତି ସହିତ ଭାରତ ଏବଂ ରୁଷ' : ଟ୍ରମ୍ପ



ନୂଆଦିଲ୍ଲୀ,୩୧/୦୭(ନ୍ୟୁ.ଏ):ଡୋନାଲ୍ଡ ଟ୍ରମ୍ପ ରୁଷ ଠାରୁ ତେଲ କିଣିବାକୁ ନେଇ ଭାରତ ଉପରେ ରାଗିଛନ୍ତି ଆମେରିକା ରାଷ୍ଟ୍ରପତି । ଭାରତ ଉପରେ ୨୫ ପ୍ରତିଶତ ଶୁଳ୍କ ଘୋଷଣା ପରେ ଭାରତ-ରୁଷ ସମ୍ପର୍କକୁ ନେଇ କଟାକ୍ଷ କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଭାରତ ରୁଷ ସହିତ କ'ଣ କରେ ତାହା ମୋତେ ଫରକ ପଡେନି । ମୁଁ କେବଳ ଚିନ୍ତା କରେ ଯେ ସେମାନେ ଏକାଠି ସେମାନଙ୍କର ଡେଡ୍ ଇକୋନୋମିକୁ କିପରି ତଳକୁ ଆଣିପାରିବେ ।' ଏପରି ମନ୍ତବ୍ୟ ଦେଇଛନ୍ତି ଆମେରିକା ରାଷ୍ଟ୍ରପତି । ବ୍ରିକ୍ସରେ ଭାରତର ଉପସ୍ଥିତି ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି ଟ୍ରମ୍ପ । ଏହାକୁ ଶୁଳ୍କ ଲାଗୁ କରିବାର କାରଣ ଭାବରେ ମଧ୍ୟ ଉଲ୍ଲେଖ କରିଛନ୍ତି । ଭାରତ ଏବଂ ରୁଷ ମଧ୍ୟରେ ଗଭୀର ବନ୍ଧୁତା ବିଷୟରେ ଟ୍ରମ୍ପଙ୍କ ବିରକ୍ତିଭାବ ତାଙ୍କ ପୋଷ୍ଟରେ ସ୍ପଷ୍ଟ ଭାବରେ ବାରି ହୋଇପଡୁଛି । Truth Socialରେ ସେ ଲେଖିଛନ୍ତି, 'ଆମେ ଭାରତ ସହିତ ବହୁତ କମ୍ ବାଣିଜ୍ୟ କରିଛୁ । ସେମାନଙ୍କର ଶୁଳ୍କ ବହୁତ ଅଧିକ, ବିଶ୍ୱରେ ସର୍ବାଧିକ । ସେହିପରି, ରୁଷ ସହ ଆମେରିକା ମଧ୍ୟ ପ୍ରାୟ କୌଣସି ବାଣିଜ୍ୟ କରେ ନାହିଁ । ଏହାକୁ ଏପରି ରଖିବା ।' ତାଙ୍କ ପୋଷ୍ଟରେ, ଟ୍ରମ୍ପ ଭ୍ଲାଦିମିର ପୁଟିନଙ୍କ ନିକଟତମ ସହଯୋଗୀ ଏବଂ ପୂର୍ବତନ ରୁଷ ରାଷ୍ଟ୍ରପତି ଦିମିତ୍ରୀ ମେଦଭେଦେବଙ୍କୁ ଚେତାବନୀ ଦେଇଥିଲେ । ଟ୍ରମ୍ପ କହିଛନ୍ତି, 'ପୂର୍ବତନ ରୁଷ ରାଷ୍ଟ୍ରପତି ମେଦଭେଦେବଙ୍କୁ କୁହନ୍ତୁ, ଯିଏ ଏବେ ବି ନିଜକୁ ରାଷ୍ଟ୍ରପତି ଭାବନ୍ତି, ତାଙ୍କ କଥାରେ ଧ୍ୟାନ ଦିଅନ୍ତୁ । ସେ ଏକ ଅତ୍ୟନ୍ତ ବିପଦପୂର୍ଣ୍ଣ କ୍ଷେତ୍ରରେ ପ୍ରବେଶ କରୁଛନ୍ତି ।' ପୂର୍ବତନ ରୁଷ ରାଷ୍ଟ୍ରପତି ମେଦଭେଦେବ ଗୋଟିଏ ଦିନ ପୂର୍ବରୁ ଡୋନାଲ୍ଡ ଟ୍ରମ୍ପଙ୍କୁ ଆକ୍ରମଣ ଓ ଯୁଦ୍ଧ ଧମକ ଦେଇଥିଲେ । ରୁଷକୁ ଟ୍ରମ୍ପଙ୍କ ୧୦ ଦିନିଆ ଅଲଟିମେଟମର ଜବାବ ଦେଇ ମେଦଭେଦେବ X ରେ ଲେଖିଥିଲେ ଯେ 'ଟ୍ରମ୍ପ ରୁଷ ସହିତ ଅଲଟିମେଟମର ଖେଳ ଖେଳୁଛନ୍ତି । ସେ କହିଛନ୍ତି ଯେ ଟ୍ରମ୍ପ ମନେ ରଖିବା ଉଚିତ ଯେ 'ରୁଷ ଇସ୍ରାଏଲ କିମ୍ବା ଇରାନ ନୁହେଁ ।'ପ୍ରତ୍ୟେକ ନୂଆ ଅଲଟିମେଟମ ଏକ ବିପଦ ଏବଂ ଯୁଦ୍ଧ ଆଡକୁ ଏକ ପଦକ୍ଷେପ ।'ପୂର୍ବରୁ ଏକ ସାମ୍ବାଦିକ ସମ୍ମିଳନୀରେ ସମ୍ବୋଧନ ଅବସରରେ BRICS ଗୋଷ୍ଠୀ ପାଇଁ ଭାରତ ଉପରେ ଶୁଳ୍କ ଲଗାଇବାର କାରଣ ଭାବରେ ଉଲ୍ଲେଖ କରିଥିଲେ ଟ୍ରମ୍ପ । ଟ୍ରମ୍ପ କହିଥିଲେ ଯେ BRICS ମଧ୍ୟ ଏହାର କାରଣ । BRICS ହେଉଛି ଆମେରିକୀୟ ବିରୋଧୀ ଦେଶମାନଙ୍କର ଏକ ଗୋଷ୍ଠୀ ଏବଂ ଭାରତ ମଧ୍ୟ ଏହାର ସଦସ୍ୟ । ସେ ଏହାକୁ ଡଲାର ଉପରେ ଆକ୍ରମଣ ବୋଲି କହିଥିଲେ । ଚେତାବନୀ ଦେଇଥିଲେ ଯେ ସେ ଏହା କାହାକୁ କରିବାକୁ ଦେବେ ନାହିଁ । ବ୍ରାଜିଲ, ରୁଷ, ଭାରତ, ଚୀନ ଏବଂ ଦକ୍ଷିଣ ଆଫ୍ରିକା BRICS ର ପ୍ରମୁଖ ଦେଶ । ବର୍ତ୍ତମାନ ଏଥିରେ ମିଶର, ଇଥିଓପିଆ, ଇରାନ, ସଂଯୁକ୍ତ ଆରବ ଏମିରେଟ୍ସ ଏବଂ ଇଣ୍ଡୋନେସିଆକୁ ମଧ୍ୟ ସାମିଲ କରାଯାଇଛି ।

## ଟ୍ରମ୍ପଙ୍କ ବୟାନକୁ ରାହୁଲ ଗାନ୍ଧୀଙ୍କ ସମର୍ଥନ




ନୂଆଦିଲ୍ଲୀ,୩୧/୦୭(ନ୍ୟୁ.ଏ):କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ପୁଣି ଥରେ ସମାଲୋଚନା ନାଁରେ ବିଦେଶୀ ଶକ୍ତିଙ୍କୁ ସୁହାଇଲା ପରି ବୟାନ ଦେଇଛନ୍ତି । ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସେହି ବୟାନକୁ ସମର୍ଥନ କରିଛନ୍ତି, ଯେଉଁଥିରେ ସେ ଭାରତର ଅର୍ଥନୀତିକୁ "ମୃତ" ବୋଲି କହିଥିଲେ । ଟ୍ରମ୍ପଙ୍କ ବୟାନକୁ ସଠିକ୍ ଦର୍ଶାଇ ରାହୁଲ ଗାନ୍ଧୀ ପିଏମ୍ ମୋଦୀ ଓ ଶିଳ୍ପପତି ଗୌତମ ଆଦାନୀଙ୍କୁ ଟାର୍ଗେଟ୍ କରିଛନ୍ତି । କଂଗ୍ରେସ ସାଂସଦ ଦାବି କରିଛନ୍ତି ଯେ ଭାରତ ଏକ ମୃତ ଅର୍ଥନୀତି (ଭୁଶୁଡ଼ି ପଡ଼ିଥିବା ଅର୍ଥବ୍ୟବସ୍ଥା) ବୋଲି ପ୍ରଧାନମନ୍ତ୍ରୀ ମୋଦୀ ଓ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କୁ ଛାଡ଼ି ସମସ୍ତେ ଜାଣିଛନ୍ତି । ସେ ଏହା ବି ଦାବି କରିଛନ୍ତି ଯେ ଆମେରିକା ସହ ବାଣିଜ୍ୟ ବୁଝାମଣା ଟ୍ରମ୍ପଙ୍କ ସର୍ତ୍ତରେ ହେବ ଓ ପ୍ରଧାନମନ୍ତ୍ରୀ ମୋଦୀ ସେୟା କରିବେ, ଯାହା ଆମେରିକା ରାଷ୍ଟ୍ରପତି କରିବେ । ଏହା ବ୍ୟତୀତ ଏକ୍ସରେ ପୋଷ୍ଟ କରି ରାହୁଲ ଗାନ୍ଧୀ ଲେଖିଛନ୍ତି, 'ଭାରତୀୟ ଅର୍ଥନୀତି ମରି ସାରିଛି । ମୋଦୀ ଏହାକୁ ହତ୍ୟା କରିଛନ୍ତି ।' ଏଥିପାଇଁ ସେ ୫ କାରଣ ବି ଉଲ୍ଲେଖ କରିଛନ୍ତି । ଆଦାନୀ-ମୋଦୀ ପାର୍ଟନରଶିପ୍ ବିମୁଦ୍ରୀକରଣ ଏବଂ ତ୍ରୁଟିପୂର୍ଣ୍ଣ ଜିଏସଟି ବିଫଳ "ଆସେମ୍ବଲ୍ ଇନ୍ ଇଣ୍ଡିଆ" MSMEକୁ ଶେଷ କରିବା ଚାଷୀଙ୍କୁ ଦଳି ଦିଆଯିବା ଭାରତ ଉପରେ ୨୫ ପ୍ରତିଶତ ଟାରିଫ୍ ଘୋଷଣା କରିବାର କିଛି ଘଣ୍ଟା ପରେ ସୋସିଆଲ୍ ମିଡିଆ ପୋଷ୍ଟରେ ଭାରତ ଓ ରୁଷକୁ ଟାର୍ଗେଟ୍ କରିଥିଲେ । ଦୁଇ ଦେଶ ନିଜର ମୃତ ଅର୍ଥନୀତିକୁ ଏକାସଙ୍ଗରେ ବୁଡ଼ାଇ ପାରନ୍ତି ଓ ଏଥିରେ ତାଙ୍କୁ କୌଣସି ଫରକ୍ ପଡୁ ନାହିଁ ବୋଲି କହିଥିଲେ । ଆମେରିକା ରାଷ୍ଟ୍ରପତିଙ୍କ ଏହି ଟିପ୍ପଣୀ ଉପରେ ଏକ ପ୍ରଶ୍ନର ଜବାବରେ ରାହୁଲ କହିଥିଲେ, 'ସେ ଠିକ୍ କହୁଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ ଓ ଅର୍ଥମନ୍ତ୍ରୀଙ୍କୁ ଛାଡ଼ି ଅନ୍ୟ ସମସ୍ତେ ଏକଥା ଜାଣିଛନ୍ତି । ମୁଁ ଖୁସି ଯେ ରାଷ୍ଟ୍ରପତି ଟ୍ରମ୍ପ ଏହି ତଥ୍ୟକୁ ସାମନାରେ ରଖିଛନ୍ତି ।'ସେ ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ମୋଦୀ କେବଳ ଜଣେ ବ୍ୟକ୍ତିଙ୍କ ପାଇଁ କାମ କରୁଛନ୍ତି । ସବୁ ଛୋଟ ବ୍ୟବସାୟକୁ ଶେଷ କରିଛନ୍ତି । ଏହା ସହ ବିଦେଶ ମନ୍ତ୍ରୀଙ୍କ ଏକ ଟିପ୍ପଣୀକୁ ଉଲ୍ଲେଖ କରି କହିଛନ୍ତି, 'ବିଦେଶ ମନ୍ତ୍ରୀ କହୁଛନ୍ତି ଯେ ଆମର ବିଦେଶ ନୀତି ସବୁଠୁ ଭଲ । ଗୋଟିଏ ପଟେ ଆମେରିକା ଆପଣଙ୍କୁ ଗାଳି ଦେଉଛି, ଅନ୍ୟପଟେ ଚୀନ ଆପଣଙ୍କ ପଛରେ ପଡ଼ିଛି ।'

Printer & Publisher Deepak Kumar Das, Printed at Omkar Offset, Nayabazar, Balasore-1, Odisha, Published from Hyphen Publication, Nayabazar, Balasore-1, Odisha.
Phone & Fax : 06782-266998, Mobile : 9438600886, E-mail : seithuarambha@gmail.com
ସଂପାଦକ : ଶୁଭେନ୍ଦୁ ଦାସ
Editor : Subhendu Das